# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27 June– 2026**

## କଳିଙ୍ଗ ଷ୍ଟୁଡିଓ

ରାଜ୍ୟ ସରକାର ଭୁବନେଶ୍ୱର କଳିଙ୍ଗ ଷ୍ଟୁଡ଼ିଓକୁ ଦେଶର ଏକ ପ୍ରମୁଖ ଚଳଚ୍ଚିତ୍ର ନିର୍ମାଣର ପେଣ୍ଠସ୍ଥଳୀ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନଠାରେ ଗତକାଲି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ୨୦୨୩-୨୪ ପ୍ରଦାନ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଆ ଚଳଚ୍ଚିତ୍ର ହେଉଛି ଅସ୍ମିତାର ପରିଚୟ ।  ଚଳଚ୍ଚିତ୍ରର ସର୍ବାଙ୍ଗୀନ ବିକାଶ ଏବଂ କଳାକାରମାନଙ୍କର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ । ରାଜ୍ୟର ପ୍ରତ୍ୟେକ ବ୍ଲକରେ ସିନେମା ହଲ୍ ନିର୍ମାଣ କରିବା  ସହିତ ଖୁବ୍‌ଶୀଘ୍ର ଚଳଚ୍ଚିତ୍ର ପାଇଁ ସରକାର ନୂଆ ନୀତି ଆଣିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୩୫ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ  ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

---

# ରବିଧାନ ସଂଗ୍ରହ ଅବଧି ବୃଦ୍ଧି

ରାଜ୍ୟ ସରକାର ରବି ଧାନ କିଣା ଅବଧି ଜୁଲାଇ ମାସ ୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏ ନେଇ ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ୨୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଛି । ଟୋକନ ଅବଧି ରହିଥିବା ଚାଷୀମାନେ କିଭଳି ଧାର୍ଯ୍ୟ ସମୟ ଭିତରେ ମଣ୍ଡିକୁ ଧାନ ଆଣିପାରିବେ, ତା'ର ବ୍ୟବସ୍ଥା କରିବା ଲାଗି ଜିଲ୍ଲାପାଳମାନଙ୍କୁ କୁହାଯାଇଛି । ପ୍ରତ୍ୟେକ ଯୋଗ୍ୟ ଚାଷୀ ଧାନ କିଣା ପ୍ରକ୍ରିୟାରୁ ବାଦ୍ ନ ପଡ଼ିବା ପାଇଁ ରାଜ୍ୟ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ।

---

# ବିକାଶର ଧାରା ଓଡ଼ିଶା ସାରା

କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକାଶର ଧାରା ଓଡ଼ିଶା ସାରା, ସାମ୍ବାଦିକ ଓ ବୁଦ୍ଧିଜୀବୀ ସମ୍ମିଳନୀର ଆୟୋଜନ କରାଯାଉଛି ।

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ ଆୟୋଜିତ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମର ପଞ୍ଚମ ଦିନରେ ଗତକାଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ । ଆଦିବାସୀ

ସାଂସ୍କୃତିକ ବିକାଶ ଗୃହ ପାଇଁ ୫୦ ଲକ୍ଷ ଟଙ୍କାର ଅନୁଦାନ ଓ ଚନ୍ଦାହାଣ୍ଡି-ଝରିଗାଁ ଘାଟି ରାସ୍ତା ନିର୍ମାଣ ପାଇଁ ମନ୍ତ୍ରୀ ଶ୍ରୀ ଗଣ୍ଡ ଘୋଷଣା କରିଥିଲେ ।

ଝାରସୁଗୁଡ଼ାଠାରେ ଆୟୋଜିତ ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ସୁଶାସନ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ବ୍ରଜରାଜନଗରଠାରେ ଆୟୋଜିତ ଏକ ସମ୍ମିଳନୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ବିକଶିତ ଓଡ଼ିଶା ଗଠନରେ ବୁଦ୍ଧିଜୀବୀଙ୍କ ପରାମର୍ଶ ଓ ସହଯୋଗ ସରକାରଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ ବୋଲି କହିଥିଲେ ।

## ପଲ୍ସ ପୋଲିଓ ଟୀକାକରଣ

ଦେଶବ୍ୟାପୀ ଆସନ୍ତାକାଲିଠାରୁ ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବ । ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀମାନେ ପୋଲିଓ ବୁନ୍ଦା ନେଇନଥିବା ଶିଶୁମାନଙ୍କ ଘରକୁ ଘର ଯାଇ ଟୀକା ପ୍ରଦାନ କରିବେ। ଟିକାକରଣ ସମ୍ବନ୍ଧୀୟ ଅଧିକ ବିବରଣୀ ଜାଣିବା ପାଇଁ ଅଙ୍ଗନବାଡ଼ି ଓ ଏଏନ୍ଏମ୍ କର୍ମୀଙ୍କ ସହ ଯୋଗାଯୋଗ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି ।

# ପୁରୁଷ ରିଲେ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଦୌଡ଼କୁଦ ଚମ୍ପିୟାନ୍ସିପ୍‌ର ତୃତୀୟ ଦିନରେ ଓଡ଼ିଶା

ସ୍ୱର୍ଣ୍ଣପଦକ ହାସଲ କରିଛି । ପୁରୁଷ ୪ଗୁଣା ୧୦୦ ମିଟର ରିଲେରେ ଓଡ଼ିଶା ଦଳକୁ ଏହି ପଦକ ମିଳିଛି ।

# ଏମ୍‌ଏସ୍‌ଏମ୍‌ଇ ଦିବସ

ବିଶ୍ୱ ଅର୍ଥନୀତିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ଏବଂ ସେମାନଙ୍କର ଅଭିବୃଦ୍ଧି ସହିତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ । ଦେଶର ଅର୍ଥନୀତି ଏବଂ ନିଯୁକ୍ତି କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଏହି ଅବସରରେ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଏବଂ ମହିଳା ଉଦ୍ୟମିତା ମଞ୍ଚ' ଓଡ଼ିଶା ଅଧ୍ୟାୟର ଶୁଭାରମ୍ଭ କରିବେ । ଏଥିରେ ମୁଖ୍ୟମନ୍ତ୍ରୀ ଗଞ୍ଜାମର ବରପାଲୀ ଏବଂ କଳାହାଣ୍ଡିର କେସିଙ୍ଗାଠାରେ ଏମ୍‌ଏସ୍‌ଏମ୍‌ଇ ପାର୍କର ଉଦ୍‌ଘାଟନ ଓ ୨୫ଟି ଏମ୍‌ଏସ୍‌ଏମ୍‌ଇ ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିବେ । ଏହା ସହିତ ବାଲେଶ୍ୱରରେ ରାଇସ୍ ମିଲିଙ୍ଗ୍ କ୍ଲଷ୍ଟର୍ ଉଦ୍‌ଘାଟନ ଏବଂ ପାହାଳ ରସଗୋଲା କ୍ଲଷ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

# ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ମୌସୁମୀର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଆଗାମୀ ୪ ଦିନ ପର୍ଯ୍ୟନ୍ତ ବଜ୍ରପାତ ସହ ବର୍ଷା ହେବାନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ

ଜିଲ୍ଲାକୁ ସତର୍କ କରାଯାଇଛି । ଅନ୍ୟପକ୍ଷରେ ଗରମ ଗୁଳୁଗୁଳି ନେଇ ୧୨ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।